# ମୁଖ୍ୟମନ୍ତ୍ରୀଙ୍କ ମାଲକାନଗିରି ଗସ୍ତର ଏପାଖସେପାଖ

## ■ ମାତ୍ର ୧୪ ମାସରେ ବିମାନ ବନ୍ଦର ନିର୍ମାଣ



ମାଲକାନଗିରି ବିମାନବନ୍ଦର ନିର୍ମାଣ ପାଇଁ ମୋଟ ୧୦୧.୬୦ ହେକ୍ଟର ଜମି ଅଧିଗ୍ରହଣ ହୋଇଥିଲା । ଏହାପରେ ରାଜ୍ୟ କ୍ଷୀପ୍ର ଗତିରେ ମାତ୍ର ୧୪ ମାସ ମଧ୍ୟରେ ଏହି ବିମାନ ବନ୍ଦର କରାଯାଇଛି । ୨୦୨୨ ମସିହା ନଭେମ୍ବର ୧ ତାରିଖରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ଅକ୍ଟୋବର ୩୧ ତାରିଖରେ ଶେଷ ହେବାକୁ ସମୟ ରହିଥିଲା । ଏଥିରେ ଗତ ୭ ତାରିଖ ଦିନ ପରୀକ୍ଷା ମୂଳକ ବିମାନ ଉଡାଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ଜିଲ୍ଲାପାଳ ବିଶାଲ ସିଂ ବୁଲି ଦେଖିବା ସହ କାର୍ଯ୍ୟର ସମୀକ୍ଷା କରିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୁଲିସ ପକ୍ଷରୁ ବିମାନବନ୍ଦର ଚାରିପଟେ ପୁଲିସ ମୁତୟନ କରାଯାଇଥିଲା । ବିମାନବନ୍ଦରୁ ଯାଉଥିବା ସମସ୍ତ ଗାଡ଼ିକୁ ଯାଞ୍ଚ କରିବା ସହ ସୁରକ୍ଷା ବ୍ୟବସ୍ଥା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଏସ୍‌ପି ନିତେଶ ୱାଧୱାନୀ ଏହା ଉପରେ ନଜର ରଖିଥିଲେ । କାର୍ଯ୍ୟକ୍ରମ ପାଇଁ ୫ ଜଣ ଡିଏସ୍‌ପି, ୮ ଜଣ ଇନ୍‌ସପେକ୍ଟର, ୧୩ ଜଣ ଏସଆଇ, ୨୦ ଜଣ ଏସଆଇ, ୭୨ ଜଣ କନେଷ୍ଟବଲ, ୭୦ ଜଣ ଗୃହରକ୍ଷୀ, ୮ ପ୍ଲାଟୁନ ପୁଲିସ ଫୋର୍ସ ଓ ୨ ଟି ଡିଭିଏଫ୍ ଟିମ୍ ନିୟୋଜିତ ହୋଇଥିଲେ ।

## ■ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପ୍ରଣବଙ୍କ ସମୀକ୍ଷା



ମାଲକାନଗିରି ଜିଲ୍ଲାରେ ବିମାନ ବନ୍ଦରର ଲୋକାର୍ପଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବାର ଦିନକ ପୂର୍ବରୁ ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଜିଲ୍ଲାରେ ପହଞ୍ଚି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ । ନିଜେ ଦଳୀୟ କର୍ମୀଙ୍କ ସହ ବିମାନ ବନ୍ଦରକୁ ଗସ୍ତ କରି ସେଠାରେ ଜାରି ରହିଥିବା କାର୍ଯ୍ୟ ଓ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଦାରଖ କରିବା ସହ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ ।

## ■ ନୂତନ ବିମାନ ବନ୍ଦର ପାଇଁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ମାଲକାନଗିରି ବିମାନବନ୍ଦରରେ ପରୀକ୍ଷାମୂଳକ ବିମାନର ସଫଳ ଅବତରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଯୋଗେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜିଲ୍ଲାରେ ଏହି ବିମାନ ବନ୍ଦର ନୂତନ ବ୍ୟବସାୟ ଓ ପର୍ଯ୍ୟଟନର ରାସ୍ତା ଖୋଲିବ । ଏଥିସହ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିବ ବୋଲି ସେ ପ୍ରକାଶ କରିଛନ୍ତି । ଜିଲ୍ଲାରେ ବିମାନ ବନ୍ଦରର ଲୋକାର୍ପଣ ସହ ଖୁବ ଶୀଘ୍ର ବିମାନ ସେବା ଆରମ୍ଭ ହେବାକୁ ଥିବାରୁ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି । ଏହି ମୂହୁର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ଲୋକଙ୍କ ମନର ଖୁସିକୁ ଦ୍ୱିଗୁଣିତ କରିଥିଲା ।

## ■ ଫଟୋ ଉଠାଇବାକୁ ଲୋକଙ୍କ ଭିଡ଼



**ମାଲକାନଗିରି** : ମାଲକାନଗିରି ଜିଲ୍ଲାରେ ନୂତନ ବିମାନ ବନ୍ଦରକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ହଜାର ହାଜର ଲୋକେ ବିମାନ ବନ୍ଦର ସମ୍ମୁଖରେ ଫଟୋ ଉଠାଇବାକୁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା । ବିମାନ ବନ୍ଦର ଲୋକାର୍ପଣକୁ ନେଇ ବେଶ୍ ଖୁସି ଥିବା ଲୋକେ ଏହି ଖୁସିର ମୁହୂର୍ତ୍ତକୁ ନିଜ କ୍ୟାମେରାରେ କଏଦ କରିବା ପାଇଁ ପଛାଇ ନଥିଲେ । ଫଟୋ ଓ ସେଲ୍‌ଫି ଉଠାଇ ଆହୁରି ଅଧିକ ଖୁସି ଜାହିର କରିଥିଲେ ।

## ■ ସାମ୍ବାଦିକଙ୍କ ସହ ସେଲ୍‌ଫି ନେଲେ ପାଣ୍ଡିଆନ୍



ମାଲକାନଗିରି ଜିଲ୍ଲାରେ ବିମାନ ବନ୍ଦର ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଜନସାଧାରଙ୍କ ନିକଟକୁ ଯାଇ ହାତ ମିଶାଇଥିଲେ । ଏହି ସ୍ଥାନରେ ମଧ୍ୟ କିଛି ଲୋକେ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଶ୍ରୀ ପାଣ୍ଡିଆନଙ୍କୁ ଅନୁରୋଧ ପତ୍ର ଦେଇଥିଲେ । ସେଗୁଡିକୁ ସେ ସଂଗ୍ରହ କରିବା ପରେ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକଙ୍କ ନିକଟକୁ ଆସିଥିଲେ । ଏହି ଅବସରରେ ସାମ୍ବାଦିକଙ୍କ ସହ ହାତ ମିଶାଇଥିଲେ । ସାମ୍ବାଦିକ ମାନେ ଶ୍ରୀ ପାଣ୍ଡିଆନଙ୍କ ସହ ସେଲଫି ନେଇଥିଲେ ।

## ■ ବଣ୍ଡା ରମଣୀଙ୍କ ସହ ମୁଖ୍ୟମନ୍ତ୍ରୀ



ଆଜି ମାଲକାନଗିରି ଜିଲ୍ଲାରେ ବିକାଶର ନୂଆଫର୍ଦ୍ଦ ଯୋଡ଼ିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ନୂତନ ବିମାନ ବନ୍ଦରର ଲୋକାର୍ପଣ କଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର କିଛି ବଣ୍ଡା ଯୁବତୀ ସେମାନଙ୍କ ସ୍ୱତନ୍ତ୍ର ବେଶ ପୋଷାକରେ ସଜ୍ଜିତ ହୋଇ ଆସିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିମାନ ବନ୍ଦରରେ ପହଞ୍ଚିବା ପରେ ବଣ୍ଡା ଯୁବତୀ ସ୍ୱତନ୍ତ୍ର ନୃତ୍ୟ ପରିବେଷଣ କରିଥିଲେ । ଏହି ସମୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କ ବେଶ ପୋଷାକ ଓ ନୃତ୍ୟକୁ ଦେଖି ବେଶ୍ ଖୁସି ବ୍ୟକ୍ତ କରିବା ସହ ସେମାନଙ୍କୁ ପ୍ରଶଂସା କରି ସେମାନଙ୍କ ସହ ଫଟୋ ଉତ୍ତୋଳନ କରିଥିଲେ ।

## ■ ଜୟ ନବୀନ ଧ୍ୱନିରେ ପ୍ରକମ୍ପିତ ମାଲକାନଗିରି

ଦିନେ ମାଓ ଅଧ୍ୟୁଷିତ ଅଞ୍ଚଳ ଭାବେ ଚର୍ଚ୍ଚିତ ରହିଥିଲା ମାଲକାନଗିରି ଜିଲ୍ଲା । ରାଜ୍ୟ ସରକାର ବିକାଶର ଧାରାକୁ କ୍ଷୀପ୍ର ଗତିରେ ଆଗକୁ ନେଉଥିବା ବେଳେ ଆଜି ବିକାଶର ଆଉ ଏକ ଫର୍ଦରେ ଯୋଡି ହୋଇଛି ଏହି ଜିଲ୍ଲା । ଯାହାକୁ ନେଇ ଜିଲ୍ଲାବାସୀ ଖୁସି ପ୍ରକଟ କରିଛନ୍ତି । ଆଜିର ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାର ହଜାର ହଜାର ଜନ ସାଧାରଣ ଯୋଗଦେଇ ଏହି ଐତିହାସିକ ମୁହୂର୍ତ୍ତରେ ବିକାଶ ଧାରାର ସାକ୍ଷୀ ହୋଇଛନ୍ତି । ହୁଳହୁଳି ଓ ଜୟନବୀନ ଧ୍ୱନୀରେ ଅଞ୍ଚଳକୁ ପ୍ରକମ୍ପିତ ହୋଇଥିଲା । ଲୋକଙ୍କ ମନରେ ଉଡା ଜାହାଜରେ ଉଡ଼ିବାର ନୂଆ ଆଶା ଭରି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ବୋଲି ଲୋକେ ପ୍ରକାଶ କରିଛନ୍ତି ।

## ■ ଗାଁରୁ ସହର ସବୁଠି ବିକାଶ

ଏକଦା ମାଓ କାର୍ଯ୍ୟକଳାପ ପାଇଁ ଚର୍ଚ୍ଚିତ ଥିବା ମାଲକାନଗିରି ଜିଲ୍ଲାରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ମାଓଗଡ଼ ଭୁଶୁଡ଼ି ପଡ଼ିଥିଲା । ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ମାଲକାନଗିରିରେ ଗାଁରୁ ସହର ପର୍ଯ୍ୟନ୍ତ ବିକାଶ ହେବାରେ ଲାଗିଛି । ଗମନାଗମନ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ଅଗ୍ରଗତି ହେଉଛି । ତେବେ ଜିଲ୍ଲାରେ ପୂର୍ବରୁ ଗମନାଗମନ ପାଇଁ କେବଳ ସଡକ ପଥହିଁ ଏକମାତ୍ର ମାଧ୍ୟମ ରହିଥିବା ବେଳେ ଆଜି ଜିଲ୍ଲାରେ ବିମାନ ବନ୍ଦରର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାକୁ ବିମାନ ସେବା ଯୋଗାଇବା ପାଇଁ ନେଇଛନ୍ତି ପଦକ୍ଷେପ । ଯାହା ଫଳରେ ଜିଲ୍ଲାରେ ଯାତାୟାତ କ୍ଷେତ୍ରରେ ଆସିଛି ବୈପ୍ଳବିକ ପରିବର୍ତ୍ତନ । ଜିଲ୍ଲାରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ବେଳେ ଏହାକୁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ମାଲକାନଗିରି ଜିଲ୍ଲାବାସୀଙ୍କ ସ୍ୱପ୍ନ ପୂରଣ ହୋଇଛି ।

## ■ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସ୍ଥାନୀୟ ନେତା

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭିନିଲ କ୍ରୀଷ୍ଣା, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଜିଲ୍ଲା ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମୀ ପ୍ରମୁଖଙ୍କ ସହ ଜିଲ୍ଲାପାଳ ବିଶାଳ ସିଂ, ଏସପି ନିତେଶ ୱାଧୱାନି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଦଳୀୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ବିମାନ ବନ୍ଦର ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିଥିବାରୁ ମନ୍ତ୍ରୀ ଶ୍ରୀମତୀ ସାହୁଙ୍କ ସମେତ ସମସ୍ତ ନେତା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ମାତ୍ର ୧୪ ମାସ ମଧ୍ୟରେ ଏହି ପ୍ରକଳ୍ପକୁ କରାଯାଇଥିବା ବେଳେ ଖୁବ୍ ଶୀଘ୍ର ବିମାନ ଉଡାଣ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ ।

■ କଟକରୁ ସୁସ୍ଥ ହୋଇ ଫେରିଲେ ପଦ୍ମଶ୍ରୀ କମଳା ପୂଜାରୀ

# ସ୍ୱାସ୍ଥ୍ୟ ପରୀକ୍ଷା କଲେ କୁମୁଲିପୁଟ ଡାକ୍ତରୀ ଦଳ

**ଜୟପୁର, ୯।୧(ସମିସ)**



ପଦ୍ମଶ୍ରୀ କମଳା ପୁଜାରୀ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲ୍‌ରୁ ଚିକିତ୍ସିତ ହେବା ସହ ସୁସ୍ଥ ହୋଇ ମଙ୍ଗଳବାର ପୂର୍ବାହ୍ନ ୭ଟାରେ ଏକ ସ୍ୱତନ୍ତ୍ର ଆମ୍ବୁଲେନ୍ସ ଯୋଗେ ନିଜ ଗ୍ରାମ କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ପାତ୍ରପୁଟକୁ ଗ୍ରାମକୁ ଫେରିଛନ୍ତି । ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ସ୍ଥାନୀୟ କୁମୁଲିପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସ୍ୱସ୍ତିକ ମହଲ, ଫାର୍ମାସିଷ୍ଟ ନରସିଂହ ଅଧିକାରୀ, ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତର ସ୍ୱାସ୍ଥ୍ୟ କର୍ମୀ ବନେଶ୍ୱରୀ ସାନ୍ତା, ଆଶା କର୍ମୀ ସନ୍ତୋଷୀ କୋଟିଆ ମଙ୍ଗଳବାର ସଂଧ୍ୟାରେ ପଦ୍ମଶ୍ରୀ କମଳାଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ଏହି ସମୟରେ ତାଙ୍କର ଦୁଇ ପୁଅ ଓ ବୋହୁ ଉପସ୍ଥିତ ଥିଲେ । ପ୍ରକାଶ ଯେ, ପଦ୍ମଶ୍ରୀ କମଳା ପୁଜାରୀ ଗତ ୨ ତାରିଖରେ ଅସୁସ୍ଥତା ଯୋଗୁଁ ସଂଧ୍ୟାରେ ତାଙ୍କୁ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଥିଲା । ଜିଲ୍ଲା ଚିକିତ୍ସାଳୟରେ ବାର୍ଦ୍ଧକ୍ୟ ଏବଂ କିଡ୍‌ନୀ ଜନିତ ସମସ୍ୟାକୁ ନେଇ ଏକ ୬ ଜଣିଆ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରିଥିଲେ । ଜିଲ୍ଲା ଚିକିତ୍ସାଳୟ ଡାକ୍ତର ଦଳଙ୍କ ପରାମର୍ଶ କ୍ରମେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ଏକ ସ୍ୱତନ୍ତ୍ର ଆମ୍ବୁଲେନ୍ସ ଯୋଗେ ଗୁରୁବାର ଅପରାହ୍ନରେ ସ୍ଥାନାନ୍ତରିତ କରାଯାଇଥିଲା । ପଦ୍ମଶ୍ରୀ କମଳାଙ୍କୁ ଗତ ୩୧ ତାରିଖ ଠାରୁ ଦୁଇଦିନ ଜ୍ୱର ଯୋଗୁଁ ଅସୁସ୍ଥତା ସହ ଦୁର୍ବଳ ହୋଇଯାଇଥିଲେ । ତେଣୁ ତାଙ୍କ ପରିବାର ସୂଚନା ଅନୁଯାୟୀ, ଜିଲ୍ଲା ଚିକିତ୍ସାଳୟକୁ ଆମ୍ବୁଲେନ୍ ଯୋଗେ ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତର ପାତ୍ରପୁଟ ଗ୍ରାମରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣାଯାଇ ସ୍ୱତନ୍ତ୍ର କ୍ୟାବିନରେ ଭର୍ତ୍ତି କରାଯାଇଥିଲା । ଜିଲ୍ଲା ଚିକିତ୍ସାଳୟ ଅଧିକ୍ଷକ ଡା. ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୬ ଜଣିଆ ଡାକ୍ତରୀ ଦଳ ଚିକିତ୍ସା କରିଥିଲେ । ପଦ୍ମଶ୍ରୀ କମଳା ଗତ ୨୦୨୨ ମସିହା ଅଗଷ୍ଟ ମାସରେ ଏବଂ ଅକ୍ଟୋବର ମାସରେ ଅସୁସ୍ଥତା ଯୋଗୁଁ କଟକ ବଡ ମେଡିକାଲ କଲେଜକୁ ପଠାଯାଇ ଚିକିତ୍ସାଳୟ ବେଳେ ତାଙ୍କର କିଡ୍‌ନୀ ଜନିତ ସମସ୍ୟା ରହିଥିବା ନେଇ ଜଣାପଡିଥିଲା । ଉକ୍ତ ଦିନ ଠାରୁ ତାଙ୍କୁ କଟକ ମେଡିକାଲ କଲେଜର ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ନିୟମିତ ଯାଞ୍ଚ ସହିତ ଔଷଧ ପ୍ରଦାନ କରାଯାଉଥିଲା ।

# ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ଡାବୁଗାଁ, ୯।୧(ସମିସ)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଡାବୁଗାଁ ଗ୍ରାମରେ ବେକରେ ଦଉଡି ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ନେଇ ମଙ୍ଗଳବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ:- ଡାବୁଗାଁ ଗ୍ରାମରେ ୬ ମାସ ତଳେ ବନ୍ଧନ ବ୍ୟାଙ୍କ ଖୋଲିଥିଲା । ବ୍ଲକର ବିଭିନ୍ନ ଗ୍ରାମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଋଣ ଦିଆଯାଉଥିଲା । ପରେ ସପ୍ତାହରେ ଋଣ ଆଦାୟ କରାଯାଉଥିଲା । ଏହି ବନ୍ଧନ ବ୍ୟାଙ୍କରେ ଶାଖା ପରିଚାଳକ ଭାବେ କଳାହାଣ୍ଡି ଜିଲାର କେଗାଁ ଥାନା ଅଧୀନ କାନ୍ଦୁଲଝର ଗ୍ରାମର ନୀଳାମ୍ବର ଜୁଆଡ (୨୪) କାର୍ଯ୍ୟ କରୁଥିଲେ । ତାଙ୍କ ସହ ୨ ଜଣ ଯୁବକ ରିଲେସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ସୋମବାର ମଧ୍ୟାହ୍ନ ୧ ଘ. ପର୍ଯ୍ୟନ୍ତ ନୀଳାମ୍ବର ସମସ୍ତ ଙ୍କ ସହ କଥା ହୋଇଥିଲେ । ପରେ ଅପରାହ୍ନରେ ୨ ଘ. ରୁ ୩ ଘ ମଧ୍ୟରେ ନୀଳାମ୍ବର ଅଫିସ ମଧ୍ୟରେ ଏକ ଫ୍ୟାନ ପଏଣ୍ଟରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିବା ଅନ୍ୟ କର୍ମଚାରୀ ଆସି ଦେଖିଥିଲେ । ପରେ କର୍ମଚାରୀ ଡାବୁଗାଁ ଥାନାରେ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକର ପରିବାର ଲୋକଙ୍କୁ ଖବର ଦେଇଥିଲେ । ଏନେଇ ମଙ୍ଗଳବାର ମୃତକର ବାପା ସାରଥି ଜୁଆଡ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଉକ୍ତ ଏତଲାକୁ ଭିତ୍ତିକରି ଥାନା ସବଇନିସ୍ପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ଥାନା କେସ ନଂ ୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଆତ୍ମହତ୍ୟାର କାରଣ ଜଣାପଡିନାହିଁ ।

## ୧୮ ସଂକୀର୍ତ୍ତନ ଦଳକୁ ଏସଡିସିରୁ ମିଳିଲା ସାମଗ୍ରୀ, ଆଭୂଷଣ

**ବୈପାରୀଗୁଡ଼ା, ୯।୧(ସମିସ):** ସ୍ୱତନ୍ତ୍ର ଉନ୍ନୟନ ପରିଷଦ କୋରାପୁଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈପାରୀଗୁଡା ସଦର ମହାକୁମାସ୍ଥିତ ରାବଣ ପୋଡି ପଡିଆରେ ଆଜି ତଥା ସୋମବାର ଦିନ ମଧ୍ୟାହ୍ନରେ ପରିଷଦର ଜିଲ୍ଲା ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇ କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ୧୨ଟି ଜନଜାତିକୁ ସେମାନଙ୍କ ପାରମ୍ପରିକ ନୃତ୍ୟକୁ ବଞ୍ଚାଇ ରଖିବା ନିମନ୍ତେ ଆବଶ୍ୟକ ବେଷଭୂଷା ଓ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି । ଏହାସହ ବୈପାରୀଗୁଡା ବ୍ଲକର ୧୮ ଟି ସଙ୍କୀର୍ତ୍ତନ ଦଳକୁ ମଧ୍ୟ ବାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ସମ୍ମାନିତ ଅତିଥି ଭାବେ ବିଧାୟିକା ପଦ୍ମିନୀ ଦିଆନ, କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଇ. ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ସ୍ୱତନ୍ତ୍ର ସଭ୍ୟ ମୁନା ରଥ, ହେମନ୍ତ ମହାପାତ୍ର, ପାର୍ବତୀ ମସ୍ତି ଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ଉପସ୍ଥିତି ଥିବା ଦେଖିବାକୁ ମିଳିଛି । ଏହା ଦ୍ୱାରା ଆଦବାସୀଙ୍କ ପାରମ୍ପରିକ କଳା ଓ ସଂସ୍କୃତି ବଞ୍ଚି ରହିବ ବୋଲି ସ୍‌ବତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ ପ୍ରକାଶ କାରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଯୋଜନା ଆଦିବାସୀଙ୍କ କଳା ସଂସ୍କୃତିକୁ ସୁରକ୍ଷା ଦେବା ସହ ଆଦିବାସୀଙ୍କୁ ସାମଗ୍ରୀ ଯୋଗାଇ ସେମାନଙ୍କ ଉତ୍ସାହ ବଢ଼ାଇଥିବାରୁ ସମସ୍ତ ନୃତ୍ୟ ଓ ସଂକୀର୍ତ୍ତନ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଦୁଇଜଣିଆ ଫରେନ୍‌ସିକ୍ ଟିମ୍‌ର ତଦନ୍ତ

**ଚନ୍ଦ୍ରପୁର ୯।୧(ସମିସ):** ରାୟଗଡା ଜିଲ୍ଲା ଆଦିବାସୀ ଅଞ୍ଚଳ ଚନ୍ଦ୍ରପୁର ବ୍ଲକ୍ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଲିଶା ଏନଜିଓ ଦ୍ୱାରା ପରିଚାଳିତ ମା' ଗୃହରେ କାର୍ଯ୍ୟରତ 'ଲକ୍ଷ୍ମୀ'ର ମୃତ୍ୟୁ ମାମଲାର ଫରେନ୍‌ସିକ୍ ଟିମ୍ ତଦନ୍ତ କରୁଛି ।

ମୃତଦେହ ପଡ଼ିଥିବା ସ୍ଥାନକୁ ଜାଇ ତଦନ୍ତ କରିଛନ୍ତି । ଲକ୍ଷ୍ମୀରହୁଥିବା ମାଘରେ ଦୁଇଦିନ ହେଲା ତଦନ୍ତ କରୁଛନ୍ତି । ଏହି ଟିମ୍ ଲକ୍ଷ୍ମୀ ପଡ଼ିଥିବା ସ୍ଥାନକୁ ଯାଇ ଅନୁଧ୍ୟାନ କରିଥିଲେ । ଏହାଙ୍କ ସହ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର, ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଚନ୍ଦ୍ରପୁର ଥାନା ଅଧିକାରୀ ନରେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ । ଭିସେରା ରିପୋର୍ଟ ସଂଗ୍ରହ କରି ଅନୁସନ୍ଧାନ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ଆରୋପ ପ୍ରତ୍ୟାରୋପରେ ସରିଲା ବର୍ଷର ପ୍ରଥମ ପଞ୍ଚାୟତ ସମିତି ବୈଠକ

**ନନ୍ଦପୁର, ୯।୧(ସମିସ)** : ନନ୍ଦପୁର ପଞ୍ଚାୟତ ସମିତିର ଚଳିତ ବର୍ଷର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ବେଳେ ଏହା ଅରୋପ ପ୍ରତ୍ୟାରୋପରେ ଶେଷ ହୋଇଛି । ପ୍ରତି ତିନି ମାସକୁ ଥରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଗତ ଦୁଇ ବର୍ଷ ହେବ ସମିତି ବୈଠକର ନୀତି, ଆଦର୍ଶ ଆଉ ରହିନଥିବା ବେଳେ କେବଳ ହୋ ହାଲ୍ଲା ଓ ଆରୋପ ପ୍ରତ୍ୟୋରୋପରେ ହିଁ ସରୁଥିବା ଜନପ୍ରତିନିଧି ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ମଙ୍ଗଳବାର ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ପୂର୍ବ ବୈଠକ ପରି ସ୍ଥିତି ଦେଖିବାକୁ ମିଳିଥିଲା । ବୈଠକ ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଅରୋପ ପ୍ରତ୍ୟୋରୋପରେ ଶେଷ ହୋଇଥିଲା । ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତୁଲ, ନନ୍ଦପୁର ଏସ୍‌ଡିପିଓ ସଂଜୟ କୁମାର ମହାପାତ୍ର, ନନ୍ଦପୁର ଜୋନ୍-୧ ଜିଲ୍ଲାପରିଷଦ ସଭ୍ୟା ଅଭିଳାସି ନାୟକ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ସାଂସଦ ପ୍ରତିନିଧି ଗୋପାଳ ମାଟାମ, ଏଇଇ ଯଶ କେତନ ବେହେରା, ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସିଡିପିଓ ମିନତିବାଳା ପଟ୍ଟନାୟକ, ଏବିଓ ମମତାଜ ଗମାଙ୍ଗ, ବାଲଡ଼ା ରେଞ୍ଜର ବାଦଲ ମହାନ୍ତି, ଏମ୍‌ଆଇ ଜନସନ୍ ବୁରୁ, ଡବ୍ଲ୍ୟୁଓ, ସୁବ୍ରତ କୁମାର ପରିଡ଼ା, ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିବା ବେଳେ ବ୍ଲକର ୨୩ ଗୋଟି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚମାନେ ଯୋଗ ଦେଇଥିଲେ । ତେବେ ବୈଠକ ଆରମ୍ଭରୁ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ସମସ୍ୟାକୁ ନେଇ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମଧ୍ୟରେ ବାଦବିବାଦ ଓ ହୋହାଲ୍ଲା ଦେଖିବାକୁ ମିଳିଥିଲା । ଫଳରେ ଉପଯୁକ୍ତ ସମସ୍ୟାଗୁଡିକର ଉପସ୍ଥାପନ ହୋଇପାରି ନଥିଲା । ଆପୋଷବୁଝାମଣା କରାଯିବା ପରେ ବିଭିନ୍ନ ଗ୍ରାମ ପଞ୍ଚାୟତର ସମସ୍ୟା ଉପରେ ଆଲୋଚନା କରାଯାଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିପିଓ ବେଦାନ୍ତ କୁମାର ମାଝୀ ପରିଚାଳନା କରିଥିଲେ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବାଳକୃଷ୍ଣ ବେରଦଳେଇ
ଅମଲାଭଟ୍ଟା, କେକେପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

# କୋରାପୁଟରେ ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପ୍ରକଳ୍ପର ଶୁଭାରମ୍ଭ

**ଜୟପୁର, ୯।୧ (ସମିସ)**




ଆଦିବାସୀ ସମ୍ପ୍ରଦାୟର ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ଜୟପୁର ଏମ୍‌ଏସ୍ ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ । ପ୍ରତିଷ୍ଠାନ ପକ୍ଷରୁ ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପାଇଁ ଗୋଷ୍ଠୀ-ନେତୃତ୍ୱ ବିଲ୍ ପ୍ରକଳ୍ପର ଶୁଭାରମ୍ଭ ହୋଇଛି । ମଙ୍ଗଳବାର ଏନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱାସ୍ଥ୍ୟ ସ୍ଥିରତା ବିଲ୍ ଏବଂ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ୍ ସହଯୋଗରେ ଏହି ପ୍ରକଳ୍ପଟି ସ୍ଥାନୀୟ ଆଦିବାସୀମାନଙ୍କ ମଧ୍ୟରେ ମାତୃ, ନବଜାତ ଶିଶୁର ପୋଷଣ, ଜଳ ପରିମଳ ଓ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବ ବୋଲି ଏମ୍‌ଏସ୍ ସ୍ୱାମୀନାଥନ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଶୁଭାରମ୍ଭ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜନସ୍ୱାସ୍ଥ୍ୟ ବିଭାଗର ଉପନିର୍ଦ୍ଦେଶକ ସୁର୍ଯ୍ୟକାନ୍ତ ବେହେରା ଯୋଗଦେଇ ନିଜ ବକ୍ତବ୍ୟରେ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଏହି ନୂଆ ପଦକ୍ଷେପକୁ ପ୍ରଶଂସା କରିବା ସହ ପ୍ରକଳ୍ପ ପରିଚାଳନାରେ ଜିଲ୍ଲା ପ୍ରଶାସନର ସମର୍ଥନ ଓ ସାହାଯ୍ୟ ରହିବ ବୋଲି ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ୍ ଯୋଗଦେଇ ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରିକରଣ କରିବା ପାଇଁ ଏକ ସ୍ଥାୟୀ ଗୋଷ୍ଠୀ କେନ୍ଦ୍ରିକ ଢ଼ାଞ୍ଚାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ସ୍ୱାସ୍ଥ୍ୟ ଉପରେ ଜଳବାୟୁ ପରିବର୍ତ୍ତନର ଦୀର୍ଘ ମିଆଦି ପ୍ରଭାବ, ଜଳ ଦ୍ୱାରା ବ୍ୟାପୁଥିବା ରୋଗ ଓ ପରିମଳର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ । ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାଢୀ ଏହି ପ୍ରକଳ୍ପ କିପରି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରିବ ସେନେଇ ଜନ ସଚେତନତା କରାଯିବା ଉପରେ ଆଲୋକପାତ କରିଥିଲେ । ଜୟପୁର ବିଜୁ ପଟ୍ଟନାୟକ ଆଦିବାସୀ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ନର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡ଼ା ଗବେଷଣାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହିତ ପ୍ରତିଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ପରିଚାଳକ ଡ. ଅସିତ୍ ମାନସିଂ, ବୈଷୟିକ ବିଶେଷଜ୍ଞ ଡ. ମାୟା ମାକାରେନାସ୍ ପ୍ରକଳ୍ପକୁ ନେଇ ସମ୍ୟକ ସୂଚନା ଦେଇଥିଲେ । ବେସରକାରୀ ସ୍ୱାସ୍ଥ୍ୟ ସଂସ୍ଥା ପିରାମଲ୍ ଫାଉଣ୍ଡେସନ୍, ସିନି, ଏକତାର ପ୍ରତିନିଧିମାନେ ଯୋଗଦେଇଥିଲେ ।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category)
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks
Contact
Sd/- Secretary
9438477846/9438160121/9337006245

## ପରିତ୍ୟକ୍ତ କୂଅରୁ ମଦଭାଟି କର୍ମଚାରୀଙ୍କ ଶବ ଉଦ୍ଧାର ଘଟଣା

# ମାଗଣାରେ ମଦ ନ ଦେବାରୁ ହତ୍ୟା, ୩ ଗିରଫ

**ବୋରିଗୁମ୍ମା, ୯।୧(ସମିସ)**



କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ନିକଟସ୍ଥ ଦୁବୁଲି ଗ୍ରାମ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରେ ମିଳିଥିବା ଗଳିତ ମୃତଦେହ ଘଟଣାର ପର୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ବୋରିଗୁମ୍ମା ପୁଲିସ ଧରିବାରେ ସଫଳ ହୋଇଛି। ୫ ପ୍ୟାକେଟ ଦେଶୀମଦ ନଦେବାରୁ ଏହି ହତ୍ୟା କରାଯାଇଥିବା କୁହାଯାଉଛି। ବୋରିଗୁମ୍ମା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ କୁମାର ଶବର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୁଡ଼ି ମଦ ନଦେବାରୁ ଅଭିଯୁକ୍ତ ମାନେ ହତ୍ୟା କରିଥିଲେ। ନିଶା ଟିକକ ପାଇଁ ଦରକର ପଡିଲେ ମଣିଷର ଜୀବନ ବି ନେବାକୁ ପଛାଉନାହାନ୍ତି। ଏଭଳି ଏକ ଘଟଣାର ନଜିର ଆସିଛି ବୋରିଗୁମ୍ମା ଥାନା ସାନ ଧୁବୁଲି ଗ୍ରାମରେ। ମାତ୍ର ୫ପକେଟ୍ ପୁଡ଼ି ମଦ ପାଇଁ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ହତ୍ୟା କରିଥିବା ୩ଜଣଙ୍କୁ ଗିରଫ କରି ଘଟଣାର ପର୍ଦାଫାସ କରିଛି ବୋରିଗୁମ୍ମା ପୁଲିସ। ହତ୍ୟାରେ ସମ୍ପୃକ୍ତ ଜଣେ ବ୍ୟକ୍ତି ଓ ଦୁଇ ଜଣ ନାବାଳକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ନେଇ ଏହି ସାମ୍ବାଦିକ ସମ୍ମିଳନୀରେରେ ସୂଚନା ଦେଇଛନ୍ତି। ବୋରିଗୁମ୍ମା ଥାନା ଅଧିକାରୀ ଯୁଗଳ କିଶୋର ସାଙ୍କ ସୂଚନା ଅନୁଯାୟୀ ଗତ ୩୦ ଡିସେମ୍ବର ସନ୍ଧ୍ୟାରେ ପୁରୁଣା ବୋରିଗୁମ୍ମା ଦେଶୀ ଭାଟିକୁ ଯାଇ ଏହି ୩ ଅଭିଯୁକ୍ତ ମାଗଣାରେ ମଦ ମାଗିଥିଲେ। ମାଗଣାରେ ମଦ ଦେବାକୁ ମନା କରିବାରୁ ଏଥିରେ ଉତ୍ୟକ୍ତ ହୋଇ କର୍ମଚାରୀଙ୍କୁ ଏକ କାଠଫାଳରେ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ଚେଷ୍ଟା କରିଥିଲେ ଏବଂ ପ୍ରଥମେ ମୃତଶରୀରକୁ ଘୋଷାଡି ଘୋଷାଡି ୧୦୦ ମିଟର ଦୂରରେ ଥିବା ସାନ ଦୁବୁଲି ପାଖର ଏକ କୁଅ ନିକଟକୁ ନେଇ ଥିଲେ । ସେଠାରେ ମୃତ ବ୍ୟକ୍ତିଙ୍କ ଶରୀରରେ କପଡ଼ା ଏବଂ ବଡ ପଥର ବାନ୍ଧି କୁଅଭିତରକୁ ଫିଙ୍ଗି ଦେଇଥିଲେ। ପରେ ମୃତ ବ୍ୟକ୍ତିଙ୍କ ବାଇକ ଏବଂ ମୋବାଇଲ ବି ନେଇ ଚାଲିଯାଇଥିଲେ । ମୃତ ବ୍ୟକ୍ତି ଜଣକ ବିହାର ରାଜ୍ୟର ଉମେଶ ଯାଦବ ବୋଲି ଜଣାପଡିଛି। ସେ କିଛି ବର୍ଷ ହେବ ପୁରୁଣା ବୋରିଗୁମ୍ମା ଦେଶୀ ଭାଟିରେ କାର୍ଯ୍ୟ କରୁଥିଲେ। ମୃତ ବ୍ୟକ୍ତିଙ୍କ ଚୋରି ବାଇକ୍ ଏବଂ ମୋବାଇଲ ହିଁ ପୁଲିସକୁ ଅଭିଯୁକ୍ତ ପାଖରେ ପହଞ୍ଚାଇଥିଲା। ଗିରଫ ୩ ଅଭିଯୁକ୍ତ ଙ୍କ ମଧ୍ୟରେ ୨ ନାବାଳକ ଥିବା ବେଳେ ଦୁବୁଲି ନିକଟରେ ଥିବା ପରିତ୍ୟକ୍ତ କୂଅରେ ମିଳିଥିବା ଗଳିତ ମୃତ ଦେହର ଏହି ହତ୍ୟାକାରୀଙ୍କୁ ବୋରିଗୁମ୍ମା ପୁଲିସ ଗିରଫ କରିଛି। ସେଥିପାଇଁ ଆଜି ଦିନ ୧୧.୩୦ରେ ଏକ ସାମ୍ବାଦିକ ସମ୍ମିଳନୀ ରଖାଯାଇଛି ବୋଲି ଥାନା ଅଧିକାରୀ ଡମ୍ବ ପରଜା ସୂଚନା ଦେଇଛନ୍ତି। ୩ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ରାଣୀଗଡ଼ ଅଞ୍ଚଳର ଅଜୟ ହରିଜନ ଓ ଅନ୍ୟ ୨ ଜଣ ନାବାଳକ ବୋଲି ବୋରିଗୁମ୍ମା ପୁଲିସ ସୂଚନା ଦେଇଛନ୍ତି।

## ୬ ବାଇକ୍ ପୋଡ଼ିଦେଲେ ଦୁର୍ବୃତ୍ତ

**ଜୟପୁର, ୯।୧ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ପାରାବେଡ଼ା ଶ୍ରୀରାମ ନଗର ସ୍ଥିତ ଏକ ତିନି ମହଲା କୋଠା ପରିସରରେ ରହିଥିବା ୬ଟି ବାଇକକୁ ଅଜଣା ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡି ଦେଇଛନ୍ତି। ଘର ମାଲିକ ଦାମନଯୋଡିରେ ଚାକିରି କରୁଥିବା ବେଳେ ଏହି ତିନି ମହଲା ଘରରେ ତିନୋଟି ପରିବାର ଭଡାସୂତ୍ରରେ ରହୁଛନ୍ତି। ତଳ ମହଲା ଭଡାଧାରୀଙ୍କ ୩ଟି, ମଧ୍ୟମ ମହଲାର ଗୋଟିଏ ଏବଂ ଉପର ମହଲାର ୨ଟି ବାଇକ ଫାଟକ ଭିତରେ ରହିଥିଲା। ସୋମବାର ବିଳମ୍ବିତ ରାତ୍ରୀରେ ହଠାତ୍ କୋଠା ପରିସରରେ ଥିବା ସମସ୍ତ ବାଇକ୍ ଜଳୁଥିବା ଦେଖି ଭଡାରେ ରହୁଥିବା ପରିବାର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଦୁର୍ବୃତ୍ତମାନେ ଲୁହା ଫାଟକ ଡେଇଁ ଭିତରକୁ ଆସି ବାଇକ୍ ଗୁଡିକରେ ନିଆଁ ଲଗାଦେଇଥିବା ନେଇ ସନ୍ଦେହ କରାଯାଉଛି। ନିଆଁର ପ୍ରକୋପରେ ପଡୋଶୀ ଘରର ବାହର ପଟେ ଲାଗିଥିବା ଶୀତତାପ ନିୟନ୍ତ୍ରଣ କରୁଥିବା ଫ୍ୟାନ ପ୍ଲାଷ୍ଟିକ ବାକ୍ସ ପୋଡି ଯାଇଥିବା ଜଣାପଡ଼ିଛି। ଏନେଇ ଘରର ମାଲିକ ଟାଉନ୍‌ଥାନାରେ ଏତଲା ଦେଇଛନ୍ତି। ଏତଲା କ୍ରମେ ଟାଉନଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ମଙ୍ଗଳବାର ସଂଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳର କିଛି ଗୃହର ସିସି ଟିଭିକୁ ନେଇ ତଦନ୍ତ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ପୁଲିସ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି।

## ବିଜୁଳି ସରବରାହ ବାଧାପ୍ରାପ୍ତ

**ସୁନାବେଡ଼ା, ୯।୧(ସମିସ):** ସୁନାବେଡ଼ା -୩ ଦେଇ ଯାଇଥିବା ଗଞ୍ଜାମ କଲୋନୀ ରାସ୍ତାରେ ଏକ ଅଜଣା ଗାଡ଼ି ରାସ୍ତା କଡ଼ରେ ଥିବା ବିଜୁଳି ଖମ୍ବ ସହ ଧକ୍କା ହେବା ଯୋଗୁଁ କଲୋନୀରେ ଗତ ରାତିଠାରୁ ବିଜୁଳି ସରବରାହ ବନ୍ଦ ରହିଛି। ପ୍ରାପ୍ତ ସୂଚନାରୁ ଜଣାଯାଇଛି ଯେ, ସୋମବାର ପ୍ରାୟ ରାତ୍ର ୧୦.୩୦ ଘଟିକା ସମୟର ଗଞ୍ଜାମ କଲୋନୀରେ ହଠାତ୍ ବିଜୁଳୀ ବନ୍ଦ ହେବା ସହ ରାତି ତମାମ୍ ଲୋକେ ଅନ୍ଧାରରେ ଥିଲେ। ସକାଳେ ରାସ୍ତା କଡ଼ରେ ଥିବା ବିଜୁଳି ଖୁଣ୍ଟି ପୁରାପୁରି ନଷ୍ଟ ହୋଇଯାଇଥିବା ଲୋକେ ଦେଖିବାକୁ ପାଇଥିଲେ। ଖବର ଲେଖା ହେବା ଯାଏଁ ବିଜୁଳି ସରବାରହ ପୁନଃ ସ୍ଥାପନ ହୋଇପାରି ନାହିଁ।

■ ରାସ୍ତା କଡ଼କୁ ଓଲଟିଲା ଟ୍ରକ୍

## ଅଳ୍ପକେ ବର୍ତ୍ତିଲେ ଯୁବତୀ



**ମୁନିଗୁଡା, ୯ ।୧ (ସମିସ):** ରାୟଗଡ଼ା ଜିଲ୍ଲା ଅମ୍ବାଦଲା ଥାନା ଅନ୍ତର୍ଗତ ପେଡ଼ିଗୁଡା ଗ୍ରାମ ନିକଟରେ ମଙ୍ଗଳବାର ସକାଳୁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଲା ଏକ ଆମୋନିୟମ ନାଇଟ୍ରେଟ୍ ବୋଝେଇ ଟ୍ରକ୍ । ଟ୍ରକଟି ଓଲଟି ପଡ଼ିବା ପରେ ରାସ୍ତା ପାର୍ଶ୍ୱରେ ଥିବା ଜଣେ ଯୁବବତୀଙ୍କ ଉପରେ ଟ୍ରକ୍ରେ ବୋଝେଇ ହୋଇଥିବା ଆମୋନିୟମ ନାଇଟ୍ରେଟ୍ ବସ୍ତା ଗୁଡ଼ିକ ପଡିଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ବସ୍ତାସବୁ ବାହାର କରିବା ପରେ ଯୁବବତୀ ଜଣକୁ ୧୦୮ ଆମ୍ବୁଲାନ୍ସ ଯୋଗେ ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ମୁନିଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଆଶିଷ ପଣ୍ଡା ଯୁବତୀଙ୍କୁ ଚିକିତ୍ସା କରିବା ପରେ ଘରକୁ ପଠାଇଦେଇଥିବା ଜଣାପଡିଛି । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଜଣକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି । ଖବରପାଇ ଅମ୍ବାଦଲା ଥାନାର ଏଏସଆଇ ଅନିଲ ବୋହିଦାର, କନଷ୍ଟେବଳ ଉମାକାନ୍ତ ଗୌଡ ଓ ଏଏସ ଆଇ ପ୍ରଶାନ୍ତ ପାଢ଼ୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

● ୫ହଜାର ଟଙ୍କା ଲାଞ୍ଚ ମାମଲା

## ଜେଲ୍ ଗଲେ ଦୁଇ ଅଭିଯୁକ୍ତ

**ଜୟପୁର, ୯ ।୧ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ଜୟପୁର ଟାଉନଥାନାର ଏଏସ୍ଆଇ ଅନିଲ କୁମାର ନାୟକ ଏବଂ ଲାଞ୍ଚ ଟଙ୍କା ନେଣଦେଣରେ ମଧ୍ୟସ୍ଥି ରହିଥିବା କମ୍ବଳ ବ୍ୟବସାୟୀ ମହମ୍ମଦ ନାଜରୁଲଙ୍କୁ ଗିରଫ କରାଯାଇ ସଂଧ୍ୟାରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲଣ କରାଯାଇଛି । ଦୁଇ ଅଭିଯୁକ୍ତଙ୍କ ଓକିଲଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା। ଏହି ଜାମିନ ଆବେଦନକୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସ୍ଥଗିତ ରଖିବା ଆସନ୍ତା ୨୨ ତାରିଖକୁ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଉଭୟଙ୍କୁ ଜେଲ ହାଜତକୁ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ଜୟପୁର ପାଇକସାହିର ରିଙ୍କେଶ ଗୌଡ ବାଇକ ଚାଳକଙ୍କ ବାଇକ ଛାଡିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି । ଅଭିଯୁକ୍ତ ଏ.ଏସ.ଆଇ ନାୟକ ପୁଲିସ ଡ୍ରେସ ପିନ୍ଧିଥିବା ବେଳେ ସ୍ଥାନୀୟ ମୁଖ୍ୟରାସ୍ତା ୟୁନିୟନ ବ୍ୟାଙ୍କ ତଥା ପୁଲିସ ଗେଷ୍ଟ ହାଉସ ନିକଟସ୍ଥ ଜୈନିକ କମ୍ବଳ ବିକ୍ରେତା ତଥା ସ୍ଥାନୀୟ ହାମ୍ନାଗୁଡା ବାସିନ୍ଦା ନାଜରୁଲଙ୍କ ଜରିଆରେ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ବିଭାଗର ଅଧିକାରୀ ମାନେ ଚଢ଼ଉ କରିଥିଲେ । ଭିଜିଲାନ୍ସ ଅଧିକାରୀ ଓ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତ ପୁଲିସ ଏ.ଏସ.ଆଇ ଦୌଡି ଫେରାର ହେବାକୁ ପ୍ରୟାସ କରିଥିଲେ । କିନ୍ତୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଅଭିଯୁକ୍ତଙ୍କୁ ଗୋଡାଇ ଗୋଡାଇ ମାଡି ବସି ଉଭୟ ଅଭିଯୁକ୍ତଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ଅଟକ ରଖି ପଚରାଉଚରା ପରେ ମଙ୍ଗଳବାର ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି ।

## ସିପିଏମ୍‌ର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

**ଗୁଣୁପୁର, ୯।୧(ସମିସ):** ଜମି, ଜଳ, ଜଙ୍ଗଲକୁ କର୍ପୋରେଟକୁ ଟେକି ଦେବା ବିରୋଧରେ ଆଦିବାସୀ ମାନଙ୍କ ପକ୍ଷରୁ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଗୁଣୁପୁର ବ୍ଲକ୍ର ୧୯ ଗୋଟି ପଞ୍ଚାୟତ ର ବିଭିନ୍ନ ସମସ୍ୟା ନେଇ ୨୦ ଦଫା ଦାବିରେ ଆଜି ରାୟଗଡ଼ା ଜିଲ୍ଲା ଗୁଣପୁର ସିପିଆଇ (ଏମ୍ ଏଲ) ଲିବରେଶନ ଓ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଙ୍କ ନେତୃତ୍ୱରେ ଆଜି ଗୁଣପୁର ବାଳିକା ଉଚ୍ଚ ବିଦ୍ୟାଳୟ ରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୨୦ ଦଫା ଦାବି ନେଇ ଉଭୟ ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବିଭିନ୍ନ ସ୍ଥାନ ପରିକ୍ରମା କଲା ଅର୍ପଣ ରଥ







**ମୁନିଗୁଡା, ୯ ।୧ (ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ରାଣୀପିଣ୍ଡା, କୁମୁଡାବାଲି ପଞ୍ଚାୟତର ପ୍ରତ୍ୟେକ ୱାର୍ଡ ପରିକ୍ରମା କରିଛି ଅର୍ପଣ ରଥ। ଜଗନ୍ନାଥଙ୍କ ଅର୍ପଣ ରଥ ରାଣୀପିଣ୍ଡା ଭୈରବ ମନ୍ଦିର ନିକଟରୁ ଶୁଭାରମ୍ଭ ହୋଇଥିବା ବେଳେ କୁମୁଡାବାଲି ପଞ୍ଚାୟତର ତ୍ରିନାଥ ମନ୍ଦିର ନିକଟରୁ ଅର୍ପଣ ରଥ ଭ୍ରମଣ କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ରଥକୁ ମହିଳା କୀର୍ତ୍ତନ ବାଦ୍ୟର ତାଳେ ତାଳେ ପଞ୍ଚାୟତର ବିଭିନ୍ନ ୱାର୍ଡ ଭ୍ରମଣ କରାଯାଇଛି। ଏହି ରଥକୁ ୱାର୍ଡର ସମସ୍ତ ବାସିନ୍ଦା ଭବ୍ୟ ସମ୍ବର୍ଦ୍ଧନା ଜଣାଇ ଭକ୍ତିପୂତ ଭାବରେ ସ୍ୱାଗତ କରିବା ସହିତ ଗୁଆ ଚାଉଳ ଅର୍ପଣ କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠୁଥିଲା ସମସ୍ତ ୱାର୍ଡ । ଏଥିସହିତ କୀର୍ତ୍ତନର ତାଳେ ତାଳେ ଜନ ସାଧାରଣ ନାଚି ଉଠୁଥିବାର ଦେଖିବାକୁ ମିଳିଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ରାଣୀପିଣ୍ଡା ସରପଞ୍ଚ ଗୌରୀ ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ ବେହେରା, ଗ୍ରାମ ରୋଜଗାର ସେବକ ପ୍ରଫୁଲ୍ଲ ହିଆଲ, ଏମବିକେ ସେବତୀ ଚାଲାନ ରାଣୀପିଣ୍ଡା ନ୍ୟାବ ସରପଞ୍ଚ ଭୋଲାନାଥ ବାଗଙ୍କ ସେହିପରି କୁମୁଡାବାଲି ପଞ୍ଚାୟତ ଗୌରୀ ପିଡିକାକା, ଜିଆରଏସ ରାଧାକାନ୍ତ ଷଡ଼ଙ୍ଗୀ, ଏମବିକେ ପୁଷ୍ପଲତା କରକରିଆ, ସିଆରପି, ମିଶନ ଶକ୍ତି, ସମସ୍ତ ୱାର୍ଡର ସଭ୍ୟ ସଭ୍ୟାଙ୍କ ସମେତ ପଞ୍ଚାୟତର କର୍ମଚାରୀ ମାନେ ଉପସ୍ଥିତ ରହି ଉକ୍ତ ଅର୍ପଣ ରଥକୁ ପରିକ୍ରମା କରାଇ ଥିଲେ।

**ଗୁଡାରୀ:** ଅର୍ପଣ ରଥ ଗୁଡ଼ାରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ ନଗରର ଇଓ ମୂରଲୀ କୃଷ୍ଣ ପଣ୍ଡା ,ଅଧ୍ୟକ୍ଷା ଶ୍ରୀମତି ସରମିତ ଶବର ,ବିଜେଡ଼ି ଜିଲ୍ଲା ଉପ ସଭାପତି ସନ୍ତୋଷ ମହାନ୍ତି, ଜିଲ୍ଲା ସମ୍ପାଦକ ଏମ.ପ୍ରସାଦ ବାବୁ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଗୌଡ଼ ,ଭାଇସ୍ ଚେୟାରମେନ ଡି.ଓଗେସା ତଥା ଏନ୍ ଏ ସି ର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିଲା। ମନ୍ଦିର ସମ୍ମୁଖରେ ନଡ଼ିଆ ଭାଙ୍ଗି, ଶଙ୍ଖ, ବାଜା, ଝାଞ୍ଜ, କୀର୍ତ୍ତନ ରାମ ନାମ ଗାନ କରି ନଗର ଭ୍ରମଣରେ ବାହାରିଥିଲା ଅର୍ପଣ ରଥ। ପ୍ରତ୍ୟେକ ସାହିର ଲୋକମାନେ ଗୁଆ ଚାଉଳ ଶ୍ରୀମନ୍ଦିରକୁ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଗତ ମଙ୍ଗଳବାର ଦିନ ନଗରର ସମସ୍ତ ସାହି ବୁଲିବା ପରେ ସନ୍ଧ୍ୟା ପରିକ୍ରମା ସମାପନ ହୋଇଛି।

**ଚନ୍ଦ୍ରପୁର:** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସରଡ଼ା ଗ୍ରାମ ପଞ୍ଚାୟତଠାରେ ଆଜି ଜଗନ୍ନାଥ ଅର୍ପଣ ରଥକୁ ମୁଖ୍ୟଅତିଥି ଭାବେ ଡାଙ୍ଗସରଡ଼ା ସରପଞ୍ଚ ଅନିତା ଶବର ସ୍ୱାଗତ କରିଥିଲେ। ପିଇଓ ରାଜେନ୍ଦ୍ର କୁମାର ପାଳ, ଯୋଗାଣ ସହାୟକ ଚନ୍ଦ୍ରଶେଖର ସାହୁ ପରିଚାଳନା କରିଥିଲେ । ରାଧକୃଷ୍ଣ ମହିଳା ସଂଘ ଆଜି ନଡ଼ିଆ ଭାଙ୍ଗି ଧୂପ ଦୀପ ଦେଇ ପୂଜା ଅର୍ଚ୍ଚନା କରିଥିଲେ। ଶଙ୍ଖ, ହୁଳହୁଳି ସଂକୀର୍ତ୍ତନରେ , ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଏହି ଅବସରେ ରାଧାକୃଷ୍ଣ ମହିଳା ସତ୍‌ସଂଗ ଗ୍ରୁପ ଓ କୀର୍ତ୍ତନ ମଣ୍ଡଳୀ ତରଫରୁ ଠାକୁରାଣୀ ମନ୍ଦିର ପାଖରେ ପୂଜାର୍ଚ୍ଚନା ପରେ ବଡ଼ସାହି ବା ନିଆଁମୋଡାସାହି , ଗୌଡସାହି ଓ ଇନ୍ଦିରାନଗର ସାହି ଅର୍ପଣରଥ ପରିକ୍ରମାବେଳେ ପୂଜାର୍ଚ୍ଚନା କରାଯାଇଥିଲା । ପରିକ୍ରମା ରଥ ବୁଲିବା ସହ ଗୁଆଚାଉଳ ସଂଗ୍ରହ କରାଯାଇଥିଲା । ପରିକ୍ରମା ପ୍ରକଳ୍ପ ଜଗନ୍ନାଥ ଅର୍ପଣ ରଥକୁ ଗ୍ରାମର ରତ୍ନାକର ପାତ୍ର, ଦିଲ୍ଲୀପ ଶବର ଦୁଃଖୁ ପୂଜାରୀ, ସୁବ୍ରତ ମଣ୍ଡଳ, ଲକ୍ଷ୍ମୀକାନ୍ତ ବଦାକୁଲୁ ଓ ଗ୍ରାମର ମହିଳା ପୁରୁଷ ସହଯୋଗ କରିଥିଲେ ।

■ ରାଜ୍ୟସ୍ତରୀୟ ୟୁଥ୍ ପାର୍ଲାମେଣ୍ଟ ପ୍ରତିଯୋଗିତା

## ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କଲେ ତେନ୍ତୁଳିଖୁଣ୍ଟି ଛାତ୍ର



**ତେନ୍ତୁଳିଖୁଣ୍ଟି, ୯।୧ (ସମିସ) :** ରାଜ୍ୟସ୍ତରୀୟ ୟୁଥ୍ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶ୍ରୀକାନ୍ତ ପଟନାୟକ ଭାଗ ନେଇ ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରି ଗୌରବ ଆଣିଛନ୍ତି । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨୯ ଜିଲ୍ଲାରୁ ପ୍ରତିଯୋଗୀମାନେ ପ୍ରତିନିଧିତ୍ୱ କରିଥିଲେ । ଏହି ପ୍ରତିଯୋଗୀମାନେ ଗତ ଜାନୁଆରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରେ ରହି ପ୍ରଶିକ୍ଷଣ ନେଇଥିଲେ । ଏହାପରେ ଗତ ଜାନୁଆରୀ ୬ ତାରିଖରେ ରେଡ଼କ୍ରସ୍ ଭବନ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାରତ ସଂସଦୀୟ ଗଣତନ୍ତ୍ରରେ ପାର୍ଲାମେଣ୍ଟର ଭୂମିକା, କାର୍ଯ୍ୟ ପ୍ରଣାଳୀ ଏବଂ ଗୁରୁତ୍ୱ ଉପରେ ନାଟକ ପରିବେଷଣ ହୋଇଥିଲା । ଏହି ପ୍ରତିଯୋଗିତା ଓଡ଼ିଶା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଭୁବନେଶ୍ୱର ଏବଂ ଭାରତୀୟ ରେଡ଼କ୍ରସ ସମାଜ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟ ରେ ଆୟୋଜିତ ହୋଇଥିଲା । ନବରଙ୍ଗପୁର ଜିଲ୍ଲା ପାଇଁ ତେନ୍ତୁଳିଖୁଣ୍ଟିର ବାପୁଜୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଅଂଶ ଗ୍ରହଣ କରିଥିବାରୁ ସ୍କୁଲ କର୍ତ୍ତୃପକ୍ଷ ଖୁସି ପ୍ରକାଶ କରିଛନ୍ତି । ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ସଫଳତା ଅର୍ଜନ କରୁଥିବା କହିବା ସହ କୃତି ଛାତ୍ର ଶ୍ରୀକାନ୍ତଙ୍କ ଏହି ସଫଳତା ପାଇଁ ତାଙ୍କୁ ପ୍ରଶଂସା କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ତେନ୍ତୁଳିଖୁଣ୍ଟି ସରକାରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମରସିଂ ନାୟକ ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ଉମରକୋଟ, ୯।୧(ସମିସ):** ଉମରକୋଟ ସ୍ଥିତ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ନୂତନ ଶିକ୍ଷକ ସମ୍ମିଳନୀ କକ୍ଷ, ଅଫିସ୍ ଗୃହ ଏବଂ ଶୌଚାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମ ବୈଦିକ ରୀତି ଅନୁସାରେ ବ୍ରାହ୍ମଣ ମନ୍ତ୍ର ପାଠ ସହ ଓଡିଶାପ୍ରଦେଶର ଓଡିଆଜାତିର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ର ସମ୍ମୁଖରେ ଧୂପ, ଦୀପ ଓ ପୁଷ୍ପାଞ୍ଜଳୀ ଅର୍ପଣ ପୂର୍ବକ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଓଡିଶା ପ୍ରଦେଶ ରାଜ୍ୟ ସମ୍ପାଦକ ରମେଶଚନ୍ଦ୍ର ସାହୁ ମୁଖ୍ୟ ଅତିଥିରୂପେ ଉପସ୍ଥିତ ରହି ନଡିଆ ଭାଙ୍ଗି କାର୍ଯ୍ୟକ୍ରମକୁ ଦିବ୍ୟମୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ବିକାଶ ଚନ୍ଦ୍ର ସରକାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୁରୁଷୋତ୍ତମ ମାଝୀ, ଏସଏସ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଥପୂର୍ଣ୍ଣା ତ୍ରିପାଠୀ, ସମସ୍ତ ସିଆରସିଙ୍କ ଉପସ୍ଥିତିରେ ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଗଣେଶ୍ୱର ରଣା କର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନଗରମଣ୍ଡଳର ସଭାପତି ଗୋପୀନାଥ ସାହୁ, ନଗରମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ଜିଲ୍ଲା ମହିଳା ସମ୍ପାଦିକା ମନ୍ଦିରା ନାୟକ, ଜିଲ୍ଲା ସମ୍ପାଦକ ରାମ ନାୟକ, ସନ୍ତୋଷ ଶର୍ମା, ସନ୍ତୋଷ ନାୟକ, ସାନ ଭାଇ, ରାମହରି ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ପାଳିତ



**ବନ୍ଧୁଗାଁ, ୯।୧(ସମିସ) :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ୭୯ ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୋହନ ମୁଦୁଲି, ଈଶ୍ୱର ଚନ୍ଦ୍ର ମୁଦୁଲି ଓ ଅବସପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ଭାବଗ୍ରାହୀ ମୁଦୁଲି ଯୋଗଦେଇଥିଲେ । ମୁଖ୍ୟ ଅତିଥି ମାନଙ୍କୁ ଶିକ୍ଷକ ସଂଘର ସଭାପତି ମନୋଜ ବାଗ ଓ ସମ୍ପାଦକ କେ. ପ୍ରତାପ କୁମାର ଫୁଲତୋଡା ଦେଇ ସମ୍ମାନିତ କରିଥିଲେ । ଏହାପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଂଘୀୟ ପତାକା ଉତ୍ତୋଳନ କରାଯାଇଥିଲା । ଉପସ୍ଥିତ ଥିବା ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବନ୍ଧୁଗାଁ ବ୍ଲକ ଶିକ୍ଷକ ସଂଘର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିବା ମନୋଜ ବାଗ ଓ ସମ୍ପାଦକ କେ ପ୍ରତାପ କୁମାର ନିଜର ଅଭିଭାଷଣରେ ବନ୍ଧୁଗାଁ ବ୍ଲକରେ ଥିବା ଶିକ୍ଷକମାନଙ୍କ ସମସ୍ୟାଗୁଡିକର ସମାଧାନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ ବିଚାର ବିମର୍ଶ କରି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ସଭାରେ ବ୍ଲକର ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ସାମନ୍ତରାୟ, ଏ. ନାରାୟଣ ରାଓ, ଗୟାଧର ସାମଲ, ରାଜେନ୍ଦ୍ର ଖେମୁଣ୍ଡୁ, ଧ୍ରୁବ ଚରଣ ବଳବନ୍ତରାଏ ଓ ଗୟାଧର ସାମଲ ଉପସ୍ଥିତ ଥିଲେ।

## ବିଏସ୍‌କେୱାଇ-ନବୀନ କାର୍ଡ ପଞ୍ଜୀକରଣ ସଚେତନତା ରଥର ଶୁଭାରମ୍ଭ

**ତେନ୍ତୁଳିଖୁଣ୍ଟି, ୯।୧ (ସମିସ)**



ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ବିଏସ୍‌କେୱାଇ ନବୀନ କାର୍ଡ ପଞ୍ଜୀକରଣ ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ଏହି ରଥର ଶୁଭାରମ୍ଭ କରିଛନ୍ତି । ଗ୍ରାମାଞ୍ଚଳବାସୀଙ୍କ ପାଇଁ ସରକାର କରିଥିବା ଏହି ଯୋଜନାକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ରଥର ଶୁଭାରମ୍ଭ କରାଯାଇଛି । ଏହି ଯୋଜନାରେ ସରକାରୀ ପେନସନ ଭୋଗି, ରାସନ କାର୍ଡ ଅନ୍ତର୍ଭୁକ୍ତ ଏବଂ ଆୟକର ଦାତାଙ୍କ ବ୍ୟତୀତ ଅନ୍ୟ ଗ୍ରାମାଞ୍ଚଳବାସୀ ସାମିଲ ହୋଇପାରିବେ । ପରିବାରର ପୁରୁଷଙ୍କ ପାଇଁ ୫ ଲକ୍ଷ ଏବଂ ମହିଳାଙ୍କ ପାଇଁ ୧୦ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନାରେ ଯୋଗାଇ ଦିଆଯିବା ନେଇ ସରକାର ଯୋଜନା କରିଛନ୍ତି । ଅନ୍‌ଲାଇନ ତଥା ସେବା କେନ୍ଦ୍ର ମାଧ୍ୟମରେ ପଞ୍ଜୀକରଣ ପାଇଁ ଲୋକଙ୍କୁ ସଚେତନ କରୁଛି ଏହି ରଥ । ଏହି ସଚେତନତା ରଥର ଶୁଭାରମ୍ଭ ସମୟରେ ବିଡିଓ ଶ୍ରୀ ପାଣିଗ୍ରାହୀଙ୍କ ବ୍ୟତୀତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡ. ସମଲେଇ ପ୍ରସାଦ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରଂଜିତା ସାମଲ,ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଦୀପ ଦାସ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନିତା ଜେଠିଙ୍କ ସମେତ ସମସ୍ତ ଆଶା, ଅଙ୍ଗନବାଡି ଗୋଷ୍ଠୀ କେନ୍ଦ୍ର କର୍ମଚାରୀ, କର୍ମୀ ଉପସ୍ଥିତ ଥିଲେ।

## କୋରାପୁଟ ଓ ନବରଙ୍ଗପୁରରେ '୫-ଟି' ଅଧ୍ୟକ୍ଷ

# ଗାଁରୁ ସହର ସବୁଠି ବିକାଶ








### '୫-ଟି' ଅଧ୍ୟକ୍ଷଙ୍କ ରାଇଘର ଗସ୍ତ

# ୧୦ ଦିନରେ ଅଭିଯୋଗର ସମାଧାନ ପ୍ରତିଶ୍ରୁତି

**ନବରଙ୍ଗପୁର / ରାଇଘର, ୯।୧ (ସମିସ):**

'୫-ଟି' ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନ୍ ମଙ୍ଗଳବାର ରାଇଘର ଗସ୍ତରେ ଆସିଥିଲେ। ସେ ପହଞ୍ଚିବା କ୍ଷଣି ପ୍ରଥମେ ଜୟ ଜଗନ୍ନାଥ କହି ନବବର୍ଷର ଅଭିନନ୍ଦନ ଜଣାଇବା ସହ ଗ୍ରହଣ କରିଥିବା ସମସ୍ତ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର୍ ସମ୍ପର୍କୀତ ଦରଖାସ୍ତ ଓ ଅଭିଯୋଗର ଆସନ୍ତା ୧୦ ଦିନ ମଧ୍ୟରେ ସମାଧାନ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଅଙ୍ଗନବାଡି ଓ ଆଶାକର୍ମୀମାନଙ୍କର ଦରମା ଖୁବ୍ ଶୀଘ୍ର ବଢ଼ିବାକୁ ପ୍ରତିଶ୍ରୁତି ଦେବା ସହ ରାଜ୍ୟର ଲକ୍ଷାଧିକ କର୍ମଚାରୀ ଆଗାମୀ ଦିନରେ ଯେପରି ଉପକୃତ ହେବେ ସେ ଦିଗରେ ରାଜ୍ୟ ସରକାର କାମ କରୁଛନ୍ତି ବୋଲି କହିଥିଲେ । ନବରଙ୍ଗପୁର ଜିଲ୍ଲା ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରାଇଘରରେ ଏହି ଧନ୍ୟବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉକ୍ତ ନିର୍ବାଚନ ମଣ୍ଡଳୀର ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କର ସମାଗମ ହୋଇଥିଲା । ମଧ୍ୟାହ୍ନ ୧୨ଟା ୪୫ ମିନିଟରେ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନ୍ ରାଇଘର ସ୍ଥିତ ମିନି ଷ୍ଟାଡିୟମରେ ଅବତରଣ କରି ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସଭାରେ ଗତ ମାର୍ଚ୍ଚ ୧୮ ତାରିଖରେ ଉମରକୋଟ ଗସ୍ତ ସମୟରେ ୬୦ ଟି ଦରଖାସ୍ତ ପାଇଥିବା ବେଳେ ସମସ୍ତ ପୂରଣ କରାଯାଇଥିବା '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ । ରାଇଘର ଅଞ୍ଚଳବାସୀଙ୍କ ଏକ ସରକାରୀ ଡିଗ୍ରୀ କଲେଜ ପାଇଁ ଯେଉଁ ଅନୁରୋଧ କରିଥିଲେ ତାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଚଳିତ ବର୍ଷ ଠାରୁ ତାହା ଆରମ୍ଭ ହେବ ବୋଲି କହିଛନ୍ତି । ସେହିପରି ଗତ ଗସ୍ତ ସମୟରେ ଅଞ୍ଚଳ ବାସୀଙ୍କ ଅନୁରୋଧ ଥିବା ଭସ୍କେଲ ଡେମ୍ ର ଉନ୍ନତି କରଣ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ୭ କୋଟି ୨୦ ଲକ୍ଷ ମଞ୍ଜୁର କରିଛନ୍ତି । ସେହିପରି ପୋଡ଼ାଗଡ ଉନ୍ନତି କରଣ ପାଇଁ ୨ କୋଟି ୯୦ ଲକ୍ଷ, ବିଡ଼ିରି ମନ୍ଦିର ଉନ୍ନତି କରଣ ପାଇଁ ୧କୋଟି ୭୦ ଲକ୍ଷ, ପେଣ୍ଡ୍ରାଣୀ ମହାବିଦ୍ୟାଳୟ ପାଇଁ ୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ତାହା କାର୍ଯ୍ୟ ସରି ଆସିଲାଣି। ଯଦି ଦରକାର ପଡ଼େ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଦେବେ ବୋଲି ସେ କହିଥିଲେ। ପେଣ୍ଡ୍ରାଣୀ ମନ୍ଦିରର ଉନ୍ନତି କରଣ ପାଇଁ ୩୦ ଲକ୍ଷ ପ୍ରଦାନ କରିଥିବା ବେଳେ ରବିବାର ଗଣ୍ଡ ସମାଜ ଭବନ ନିର୍ମାଣ ପାଇଁ ୫୦ ଲକ୍ଷ ଏବଂ ବଙ୍ଗାଳୀ ସମାଜର ଲୋକଙ୍କ କମ୍ୟୁନିଟି ସେଣ୍ଟର୍ ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ। ଏହାଛଡା ଉମରକୋଟ ଠାରେ ଏକ ଡାୟାଲିସିସ୍ ସେଣ୍ଟର୍ ପାଇଁ ମଧ୍ୟ ଯେଉଁ ଅନୁରୋଧ ଥିଲା। ତାର ସମସ୍ତ ଉପକରଣ ପାଇଁ ଅର୍ଡର୍ ସରିଛି। ଖୁବ୍‌ଶୀଘ୍ର ଡାୟାଲିସିସ ସେଣ୍ଟର୍ ଖୋଲାଯିବ । ଉମରକୋଟ ରାଇଘର କୁନ୍ଦେଇ ଲିକମା ରାସ୍ତାର ଉନ୍ନତି କରଣ ପାଇଁ ୫୦ କୋଟି, ରାଇଘରରୁ ଅଞ୍ଚଳା ରାସ୍ତା ନିର୍ମାଣ ପାଇଁ ୪୫ କୋଟି, ଯୋଡେଙ୍ଗାରୁ ତୁରୁଡ଼ି ରାସ୍ତା ଉନ୍ନତି କରଣ ପାଇଁ ୪୦ କୋଟି ଟଙ୍କା, ବାଗବେଡ଼ାରୁ ଛତିଶଗଡ ସୀମା ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ୧୬ କୋଟି, କୁର୍ସୀରୁ ବେହେଡ଼ା ରାସ୍ତାର ଉନ୍ନତି କରଣ ପାଇଁ ୭କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ସମସ୍ତକୁ ମିଶାଇ କେବଳ ଉମରକୋଟ ନିର୍ବାଚନ ମଣ୍ଡଳୀର ଉନ୍ନତି କରଣ ପାଇଁ ୯ ମାସ ମଧ୍ୟରେ ପାଖାପାଖି ୨ ଶହ କୋଟି ମଞ୍ଜୁର କରିଥିବା ବେଳେ ନବରଙ୍ଗପୁର ଜିଲ୍ଲା ପାଇଁ ମୋଟ ୪୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହାଛଡା ଜିଲ୍ଲାର ବିଧାୟକଙ୍କ ଦାବି ଅନୁସାରେ ତେନ୍ତୁଳିଖୁଣ୍ଟି , କୋଷାଗୁମୁଡା, ଝରିଗାଁ ରାଇଘର ଆଦି ସ୍ଥାନରେ ଯୁକ୍ତ ତିନି ସରକାରୀ ଡିଗ୍ରୀ କଲେଜ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଚଳିତ ବର୍ଷ ଠାରୁ ନାମଲେଖା ଆରମ୍ଭ ହେବ ।

### ● ବଢ଼ିବ ଅଙ୍ଗନବାଡି, ଆଶା କର୍ମୀଙ୍କ ଦରମା

ଆପଣ ସମସ୍ତେ ସବୁବେଳେ ଭଲ କାମ କରନ୍ତୁ ଓ ନୂତନ ଓଡ଼ିଶା , ଶଶକ୍ତ ଓଡ଼ିଶା ଗଠନ କରନ୍ତୁ । ବର୍ତ୍ତମାନ ଆପଣ ସମସ୍ତେ ଯାହା ମଧ୍ୟ ଅନୁଦାନ ପାଇଛନ୍ତି ଏହା ଆପଣଙ୍କ ଟଙ୍କା । ଏହା କେବଳ ପ୍ରଥମ କିସ୍ତି ବୋଲି ଭାବନ୍ତୁ । ଭଲ କାମ କରନ୍ତୁ ଏହାର ଆବଶ୍ୟକ ସ୍ଥଳେ ଦ୍ୱିତୀୟ କିସ୍ତି ମଧ୍ୟ ପାଇବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ସବୁବେଳେ ଓଡ଼ିଶା ବାସୀଙ୍କୁ ନିଜ ପରିବାର ବୋଲି ଭାବନ୍ତି । ସେଥିପାଇଁ ଓଡ଼ିଶା ବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ଆରମ୍ଭ କରିଛନ୍ତି । ଗ୍ରାମାଞ୍ଚଳରେ ବସ ବାସ କରୁଥିବା ମହିଳାଙ୍କ ପାଇଁ ୧୦ ଲକ୍ଷ ଏବଂ ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବିମା ରହିଛି । ଏଥିସହ ଖୁବ୍ କମ୍ ଦିନ ମଧ୍ୟରେ ପ୍ରତି ପଞ୍ଚାୟତରେ ବ୍ୟାଙ୍କ୍ ସୁବିଧା ପାଇବେ ବୋଲି କହିଛନ୍ତି ୫-ଟି ଅଧ୍ୟକ୍ଷ । ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏବଂ ଉପସ୍ଥିତ ଜନସାଧାରଣଙ୍କ ସହ ସେଲଫି ମଧ୍ୟ ଉଠାଇଥିଲେ।

ପ୍ରାୟ ୪୫ମିନିଟ ସେଠାରେ ରହିବା ପରେ ସେ ଲକ୍ଷ୍ମୀପୁର ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଉପାଧ୍ୟକ୍ଷା ଲିପିକା ବାରୋଇ, ରାଇଘର ବ୍ଲକ ଅଧ୍ୟକ୍ଷା ନବିନା ନାୟକ, ଉଠା ଜଳ ସେଚନ ଉପଦେଷ୍ଟା ପ୍ରମୋଦ ପାତ୍ରୀ, ବିଜେଡ଼ି ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲାପାଳ ଡ. କୋମଳ ଲୋଚନ ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଡିଏସ୍‌ପି ଚନ୍ଦ୍ର ଶେଖର ହୋତା, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ କୁମାର ଦାସ, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ନବରଙ୍ଗପୁର ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ଜୋନାଲ ସଭାପତି ତାପସ ତ୍ରିପାଠୀ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଭୀମ ହରିଜନଙ୍କ ସମେତ ବହୁ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହିବା ସହ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

### ■ ଲକ୍ଷ୍ମୀପୁରରେ '୫-ଟି' ଅଧ୍ୟକ୍ଷଙ୍କ ଅଭିଯୋଗ ଶୁଣାଣି

# ୧୦ ମାସରେ କୋରାପୁଟ ଜିଲ୍ଲାକୁ ମିଳିଛି ୪୦୦ କୋଟି

▸ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଲେ ଅଞ୍ଚଳବାସୀ

▸ ୩ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗପତ୍ର ଗ୍ରହଣ

**କୋରାପୁଟ, ୯।୧(ସମିସ):** ମଙ୍ଗଳବାର '୫-ଟି' ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଲକ୍ଷ୍ମୀପୁରରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ସମାବେଶରେ ଯୋଗ ଦେଇ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରିଛନ୍ତି । ଶ୍ରୀ ପାଣ୍ଡିଆନ୍ ପହଞ୍ଚିବା ମାତ୍ରେ ନବୀନ ପଟ୍ଟନାୟକ ଜିନ୍ଦାବାଦ, କାର୍ତ୍ତିକ ପାଣ୍ଡିଆନ୍ ଜିନ୍ଦାବାଦ ଧ୍ୱନି ସହ ମହିଳାମାନଙ୍କ ହୁଳହୁଳିରେ ସମାବେଶ ସ୍ଥଳ କମ୍ପି ଉଠିଥିଲା । ନିଜ ବକ୍ତବ୍ୟ ରଖିବା ପୂର୍ବରୁ '୫-ଟି' ଅଧ୍ୟକ୍ଷ ଜନସାଧାରଣଙ୍କ ନିକଟକୁ ଯାଇ ସେମାନଙ୍କ ଆଶୀର୍ବାଦ ନେବା ସହ ଅଭିଯୋଗ ପତ୍ର ଗୁଡ଼ିକ ନିଜେ ଗ୍ରହଣ କରିଥିଲେ । କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡ଼ା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମାବେଶରେ ୫- ଟି ଅଧ୍ୟକ୍ଷ ବକ୍ତବ୍ୟ ରଖି ଗତ ୧୦ ମାସ ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟ ଜିଲ୍ଲାକୁ ୪୦୦ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ ଦେଇଥିବା କହିଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାକୁ ବହୁତ ଭଲ ପାଆନ୍ତି । ତେଣୁ ଆପଣ ମାନଙ୍କ ଅଭିଯୋଗ ଶୁଣିବାକୁ ମୋତେ ସେ ପଠାଇଛନ୍ତି ବୋଲି ମତବ୍ୟକ୍ତ କରିବା ସହ ୧୦ ମାସ ଭିତରେ କେବଳ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀକୁ ୧୩୫ କୋଟି ଟଙ୍କା ଦେଇଥିବା କହିଥିଲେ । ୨୦୨୩ ଫେବୃଆରୀ ୪ ରେ ସେ ନାରାୟଣପାଟଣା ଯାଇଥିବା ବେଳେ ସେଠାକାର ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର, ଝଞ୍ଜାବତି ନଦୀରେ ଡ୍ୟାମ ନିର୍ମାଣ ଓ ଡିଗ୍ରୀ କଲେଜ ପାଇଁ ଦାବୀ ହୋଇଥିଲା । ସେହିପରି ଦଶମନ୍ତପୁର ଓ ବନ୍ଧୁଗାଁ ବ୍ଲକର ଲୋକେ ମଧ୍ୟ ସେମାନଙ୍କ ସମସ୍ୟା ନେଇ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ସବୁ ଅଭିଯୋଗ ଗ୍ରହଣ କରି ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁରାନ ଡ୍ୟାମ ଉପରେ ୪୦ କୋଟି ଟଙ୍କା ବ୍ୟୟରେ ପୋଲ, ଦଶମନ୍ତପୁରରେ ୨୭୧ କୋଟି ଟଙ୍କାର ବୃହତ୍ ପାନୀୟ ଜଳ ପ୍ରକଳ୍ପ, ୫- ଟି ଯୋଜନାରେ ୫୦ ଲକ୍ଷ ଟଙ୍କାରେ ଦଶମନ୍ତପୁର କଲେଜ ରୂପାନ୍ତରିତ କାର୍ଯ୍ୟ, ମାଛପୁଟ ଓ ପୋଡ଼ାଗଡ ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଖୋଲାଯିବାକୁ ଅନୁମୋଦନ ଦେଇଛନ୍ତି । ଏଥିସହ ଲକ୍ଷ୍ମୀପୁର ବ୍ଲକରେ ସାଙ୍ଗାନା ଉଚ୍ଚ ବିଦ୍ୟାଳୟ ରୂପାନ୍ତର, ମାତୃ ଓ ଶିଶୁ ହସ୍ପିଟାଲ ସ୍ଥାପନା, କାକିରିଗୁମ୍ମାରେ ଯୁକ୍ତ ୨ କଲେଜ ଶୁଭାରମ୍ଭ ହୋଇଛି । ସେହିପରି ଗୁପ୍ତେଶ୍ୱର ଶୈବ ପୀଠ ବିକାଶ ନିମନ୍ତେ ୨୦ କୋଟି ଟଙ୍କା ଦିଆଯାଇଥିବା ବେଳେ ନାରାୟଣପାଟଣାରେ ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର ପାଇଁ ୪ କୋଟି ଟଙ୍କା ଅନୁଦାନ ଦିଆଯାଇଛି । ପାନୀୟ ଜଳ ପ୍ରକଳ୍ପ ପାଇଁ ୧୦୫ କୋଟି, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ଦୁଇଟି ଡିଗ୍ରୀ କଲେଜ ଓ ଚାଷୀଙ୍କ ଜମିରେ ଜଳ ସେଚନ ବ୍ୟବସ୍ଥା କରିବାକୁ ଝଞ୍ଜାବତି ନଦୀର ଚିନ୍ତାଲଗୁଡ଼ାରେ ୧୮୪ କୋଟି ଟଙ୍କାର ଡ୍ୟାମ, ବନ୍ଧୁଗାଁ ଅଗ୍ନି ଗଙ୍ଗା ମା' ମନ୍ଦିର ପାଇଁ ୨ କୋଟି ଟଙ୍କା ଅନୁଦାନ ଦେଇଥିବା ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଥିଲେ। ଏହା ବ୍ୟତୀତ ଲକ୍ଷ୍ମୀପୁର କୋଡ଼ିଙ୍ଗାମାଳି ଖଣିରୁ ଉତ୍ତୋଳନ କରାଯାଇ ବିଶୋଧନ ନିମନ୍ତେ ଅନ୍ୟତ୍ର ପଠାଯାଉଥିବା ବକ୍ସାଇଟରୁ ଆଲୁମିନା ଉତ୍ପାଦନ ନିମନ୍ତେ ସ୍ଥାନୀୟ ଅଞ୍ଚଳରେ କାରଖାନା ପ୍ରତିଷ୍ଠା କରିବାକୁ ଦୀର୍ଘ ବର୍ଷରୁ ସ୍ଥାନୀୟ ଲୋକେ ଦାବୀ କରି ଆସୁଥିଲେ। ଜନ ସାଧାରଣଙ୍କ ଦାବିକୁ ସମ୍ମାନ ଜଣାଇ ରାଜ୍ୟ ସାରକାର କିଛି ଦିନ ପୂର୍ବରୁ କୋରାପୁଟ ରାୟଗଡ଼ା ଜିଲ୍ଲା ସୀମା କଂଶାରିଗୁଡ଼ାରେ ଆଲୁମିନା ପ୍ରକଳ୍ପ ପାଇଁ ଏମ୍‌ଓୟୁ କରିବା ସହ ମୁଖ୍ୟମନ୍ତ୍ରୀ କାରଖାନା ପାଇଁ ଭିତ୍ତି ପ୍ରସ୍ତର କରିଥିବା କହିଥିଲେ। ସେହିପରି ଗତବର୍ଷ ଡିସେମ୍ବର ୨୩ରେ ସେ ଜୟପୁରଠାରେ ଗ୍ରହଣ କରିଥିବା ୩୦୦ ଅଭିଯୋଗ ପତ୍ର ଉପରେ ବିଚାର କରି ମୁଖ୍ୟମନ୍ତ୍ରୀ ୧୫ କୋଟି ଟଙ୍କା ସହାୟତା ରାଶି ଦେଇଥିବା ୫- ଟି ଅଧ୍ୟକ୍ଷ ବକ୍ତବ୍ୟ ରଖିଥିଲେ। ତେବେ ଆଜି ଗ୍ରହଣ କରିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ଯେଉଁ ମାନେ ମନ୍ଦିର, ଚର୍ଚ୍ଚ, ମସଜିଦ, ଓ କମ୍ୟୁନିଟି ସେଣ୍ଟର ପାଇଁ ସହାୟତା ମାଗିଛନ୍ତି ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯ ତାରିଖ ସୁଦ୍ଧା ଖୁସି ଖବର ଦେବେ ବୋଲି ଘୋଷଣା କରିଥିଲେ। ଏହାପରେ ପରେ ସମାବେଶ ସ୍ଥାନ ପୁନର୍ବାର ହୁଳହୁଳି ସହ ନବୀନ ପଟ୍ଟନାୟକ ଜିନ୍ଦାବାଦ, ପାଣ୍ଡିଆନ ସାର ଜିନ୍ଦାବାଦ ସ୍ୱରରେ ଉଚ୍ଛୁଳି ପଡ଼ିଥିଲା । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଖୁବ ଶୀଘ୍ର ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା ବୃଦ୍ଧି କରିବାକୁ ଘୋଷଣା କରିବେ ବୋଲି ୫- ଟି ଅଧ୍ୟକ୍ଷ ସୂଚନା ଦେଇଥିଲେ । ସେମାନଙ୍କ ଅଞ୍ଚଳ ପାଇଁ ପ୍ରତିଶ୍ରୁତି ମୁତାବକ ସମସ୍ତ ଦାବି ପୂରଣ ହୋଇଥିବାରୁ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶମନ୍ତପୁର, ଲକ୍ଷ୍ମୀପୁର, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକରୁ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ଯୁବକ ଯୁବତୀ ମୁଖ୍ୟମନ୍ତ୍ରୀ ଏବଂ ୫- ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ । ସେହିପରି ଯେଉଁ ମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହୋଇ ପାରି ନାହାନ୍ତି ସେମାନେ ବିଏସ୍‌କେ ୱାଇ ନବୀନ କାର୍ଡ କରିବାକୁ ପରାମର୍ଶ ଦେଇଥିଲେ । ସମାବେଶରେ ପୂର୍ବତନ ବିଧାୟକ କୈଳାଶ କୁଲେଶିକା, ପ୍ରଫୁଲ୍ଲ ପାଙ୍ଗି, ମହିଳା ବିଜେଡି ଜୋନାଲ ସଭାନେତ୍ରୀ ଲତା ସାହୁ, ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଏସ୍‌ଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ରାଜ୍ୟ ସମ୍ପାଦିକା ତୁଳସୀ କୁର୍ସାନି, ପୂର୍ବତନ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ବିଜେଡି ନେତ୍ରୀ ପୂର୍ଣ୍ଣିମା ଜାନି, ଲିଲି ବୁରୁଡି, ସମାଜସେବୀ ତ୍ରିନାଥ ପାତିକା, ଶଙ୍କର ସାଉନ୍ତା, ବିଜେଡି ନେତା,ବାଲା ରାୟ ଦୁର୍ଗା ମିଶ୍ର, ଟୁନା ମିଶ୍ର, ତ୍ରିପୁରାରୀ ଗରଡା ପ୍ରମୁଖ ଉପସ୍ଥିତ ଥିଲେ।

### ● କୃତଜ୍ଞତା ଜଣାଇଲେ ରାଜସ୍ୱ ଅମଲା ସଂଘ

**ନବରଙ୍ଗପୁର, ୯।୧(ସମିସ) :** ଓଡ଼ିଶା ରାଜସ୍ୱ ଅମଲା ସଂଘର ବହୁ ପ୍ରତୀକ୍ଷିତ ଦାବି ପୂରଣ ହୋଇଥିବାରୁ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା '୫-ଟି ' ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନଙ୍କୁ ରାଜସ୍ୱ ଅମଲା ସଂଘ କୃତଜ୍ଞତା ଜଣାଇଛି । '୫-ଟି ' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ନବରଙ୍ଗପୁର ଜିଲ୍ଲା ରାଇଘରକୁ ମଙ୍ଗଳବାର ଗସ୍ତ କରିଥିବା ବେଳେ ଓଡ଼ିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ନେତୃତ୍ୱରେ ଅନ୍ୟ ଜିଲ୍ଲାସ୍ତରୀୟ ଅମଲା ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି '୫-ଟି' ଅଧ୍ୟକ୍ଷ ଓ ରାଜସ୍ୱ ଅମଲା ସଂଘର ମାର୍ଗଦର୍ଶକ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ଗ୍ରେଡ ପେ ୪୨୦୦କୁ ବୃଦ୍ଧି କରିବା ପାଇଁ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଅନୁଷ୍ଠିତ ହୋଇଥିବା ସଭାରେ '୫-ଟି' ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ ଓଡିଶା ରାଜସ୍ୱ ଅମଲା ସଂଘର ନବରଙ୍ଗପୁର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି, ଉପ ସଭାପତି ଆକାଶ ଗଣ୍ଡ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ବିଜୟ କୁମାର ସାହୁ, ସୁନୀଲ କୁମାର ଦାସ, ଲୋକନାଥ ସାହୁ, ଶ୍ରୀକାନ୍ତ ଶତପଥୀ, କୃଷ୍ଣ ରାଣୀ ବାଲା, କଳ୍ପନା ନାୟକ, ମନମୋହିନୀ ହାଲଦାର, ଶେଖର କୁମାର, ଅମିତ୍ ନାୟକ, ଅନିତା ଗଣ୍ଡ, ନବରଙ୍ଗପୁର ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ● ଅଭିଯୋଗ ଗ୍ରହଣ କଲେ '୫-ଟି' ଅଧ୍ୟକ୍ଷ

**ଲକ୍ଷ୍ମୀପୁର, ୯।୧(ସମିସ)** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ଥିତ ମହାବିଦ୍ୟାଳୟ ସମ୍ମୁଖରେ ଥିବା ମିନି ଷ୍ଟାଡିୟମରେ ଅଭିଯୋଗ ଶିବିରରେ ଲକ୍ଷ୍ମୀପୁରରେ ୫୦୩, ନାରାୟଣପାଟଣା ୪୭୨, ଦଶମନ୍ତପୁର ୩୪୪, ବନ୍ଧୁଗାଁ ୨୦୪ ଏହା ସହିତ ଅନ୍ୟାନ୍ୟ ବ୍ଲକ ରୁ ୧୨୫ ଟି ସହ ସମୁଦାୟ ୧୬୬୨ ଟି ଅଭିଯୋଗକୁ ଆଜି ଶ୍ରୀ ପାଣ୍ଡିଆନ ଗ୍ରହଣ କରି ୧୯ତାରିଖ ସୁଦ୍ଧା ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ। ମନ୍ଦିର ମସଜିଦ ଏଭଳି କେତେକ କାର୍ଯ୍ୟକୁ ୧୯ ତାରିଖ ସୁଦ୍ଧା ପୂରଣ କରିବାକୁ କହିଛନ୍ତି। ଶ୍ରୀ ପାଣ୍ଡିଆନ ଅଭିଭାଷଣରେ ଶିବିର ତାଳି ଓ ହୁଳହୁଳିରେ ପ୍ରକମ୍ପିତ ହେଉଥିଲା । ସୂଚନାଥାଉକି ଏହା ପୂର୍ବରୁ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ପାଇଁ '୫- ଟି' ସଚିବ ଥିବାବେଳେ ଅଭିଯୋଗ ସହ ଅନ୍ୟାନ୍ୟ ବାବଦରେ ୧୩୫ କୋଟି ଟଙ୍କା ଅନୁଦାନ ଦେଇଥିବା ଏହି ଶିବିରରେ ପରିପ୍ରକାଶ କରିଥିଲେ।

### ● ଦିବ୍ୟାଙ୍ଗଙ୍କ ଅଭିଯୋଗ ଗ୍ରହଣ କଲେ '୫-ଟି' ଅଧ୍ୟକ୍ଷ

**ଲକ୍ଷ୍ମୀପୁର, ୯।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀପୁର ମିନି ଷ୍ଟାଡିୟମ ଠାରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ୍ ପାଣ୍ଡିଆନ୍ ଜନଶୁଣାଣିରେ ଲୋକନାଥ ସାହୁ (୩୨)ନାମକ ଦିବ୍ୟାଙ୍ଗଙ୍କ ଅଭିଯୋଗକୁ ସତନ୍ତ୍ର ଭାବେ ଗ୍ରହଣ କରିଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ଷ୍ଟାଡିୟମ୍‌ରେ ଆୟୋଜିତ ସର୍ବସାଧାରଣ ସଭାରେ ଯୋଗଦେଇ ନିଜର ଅଭିଭାଷଣ ସାରି ବାହାରିବା ସମୟରେ '୫-ଟି' ଅଧ୍ୟକ୍ଷ ବିଦ୍ୟାଙ୍ଗ ପାଖକୁ ଯାଇ ତାଙ୍କର ସମସ୍ତ ବିଷୟ ପଚାରି ବୁଝିବା ସହିତ ତାଙ୍କ ପାଇଁ ଏକ ସତନ୍ତ୍ର ପ୍ୟାକେଜ୍ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତି ପରେ ଲୋକନାଥ ନିଜେ ଖୁସି ହେବା ସହ ପରିବାରଜନ ଆଶ୍ୱସ୍ତି ହୋଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

### ● ଭାବବିହ୍ୱଳ ହେଲେ ମହିଳା

'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଅତି ନିକଟରୁ ନିଜ ଗୁହାରି ଜଣାଇବାର ସୁଯୋଗ ପାଇ ମହିଳାମାନେ ଅତି ଭାବବିହ୍ୱଳ ହୋଇ ପଡ଼ିଥିଲେ। 'ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ଆମ ଅଭିଯୋଗ ପତ୍ର ପହଞ୍ଚିବ ବୋଲି ଆମେ କେବେ ଚିନ୍ତା କରି ନଥିଲୁ। କିନ୍ତୁ ପାଣ୍ଡିଆନ ସାର୍ ନିଜେ ଆସି ଆମ କାଗଜ ନେଲେ ତେଣୁ ଆମ ଦାବି ନିଶ୍ଚିତ ପୁରଣ ହେବ' ବୋଲି ଲକ୍ଷ୍ମୀପୁର ପରଜା ସାହିର ଭବାନୀ ସାହୁ ପ୍ରତିକ୍ରିୟା ଦେଇଥିଲେ । ତାଙ୍କ ସାହିରେ ତିନୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଛି । ସେମାନଙ୍କୁ ମିଟିଂ ପାଇଁ ଘର ନାହିଁ। ବ୍ଲକ କର୍ତ୍ତୃପକ୍ଷଙ୍କୁ ଅନେକ ଥର ଜଣାଇ ଥିଲୁ, କିନ୍ତୁ କିଛି ଫଳ ମିଳିଲାନି । ତେଣୁ ଆଜି ପାଣ୍ଡିଆନ ସାରଙ୍କୁ ଦରଖାସ୍ତ ଦେଇଛୁ ଓ ସମସ୍ୟା ଦୂର ହେବା ଆଶା ରଖିଛୁ ବୋଲି ଶ୍ରୀମତୀ ସାହୁ କହିଥିଲେ। କେବଳ ଭବାନୀ ସାହୁ ନୁହଁନ୍ତି, ସମାବେଶକୁ ଆସିଥିବା ହଜାର ହଜାର ମହିଳା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପାଖରେ ପାଇ ଖୁସି ପ୍ରକଟ କରିଥିଲେ।

### ● ଡମ ସମାଜର ଦାବିପତ୍ର ପ୍ରଦାନ

**ଲକ୍ଷ୍ମୀପୁର, ୯।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଡ଼ମ ସମାଜ ପକ୍ଷରୁ ବିଭିନ୍ନ ଦାବି ନେଇ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଙ୍ଗଳବାର ସଂଧ୍ୟାରେ ଦାବିପତ୍ର ପ୍ରଦାନ କରାଯାଇଥିବା ଆଇନଜୀବୀ ଦିଲୀପ କୁମାର ବିଡ଼ିକା କହିଛନ୍ତି । କୋରାପୁଟ ଜିଲ୍ଲା ଅନୁସୂଚିତ ଜାତି ବର୍ଗରେ ଦ୍ୱିତୀୟ ସ୍ଥାନରେ ରହିଛି । ତେଣୁ ବିଭିନ୍ନ ପଦ ତଥା ରାଜନୈତିକ କ୍ଷେତ୍ରରେ ସବୁ ବ୍ଲକ୍ ଓ ଜିଲ୍ଲାରେ ଉପାଧ୍ୟକ୍ଷ ପଦଗୁଡିକ ଜନଜାତି ବର୍ଗ ପାଇଁ ସଂରକ୍ଷଣ କରିବାକୁ ଦାବି ସହ ବିଭିନ୍ନ ଦାବି କରଯାଇଛି ।

